## ବୈଶିଙ୍ଗା ବଜାରରେ କାଳୀପୂଜା

ବୈଶିଙ୍ଗା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଜାରରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୫୦୦ ବ୍ୟବସାୟୀଙ୍କ ସହଯୋଗରେ ବୈଶିଙ୍ଗା ବସଷ୍ଟାଣ୍ଡ ନିକଟରେ ଏହି ପୂଜା ପାଳିତ ହୋଇ ଆସୁଛି। ମଙ୍ଗଳବାର ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ଦିବସ ବ୍ୟାପୀ ଅନ୍ନଛତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ଯୁଗପୁରା,ପଣସିଆ,ପଦ୍ମପୁର, ଗଡଦେଉଳିଆ, କଳମା ଇତ୍ୟାଦି ସ୍ଥାନରେ କାଳୀପୂଜା ଅନୁଷ୍ଠିତ ହୋଇଛି।

# ବଢୁଛି ଭିଡ଼, ଜମୁଛି ପୂଜା


ବିଶାଣିଖରିଦା ପୂଜା ମଣ୍ଡପ।


ସ୍କୁଲରୋଡ୍ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

**ଭଦ୍ରକ ଅଫିସ, ୨୬।୧୦**

ଭଦ୍ରକର ପ୍ରସିଦ୍ଧ ଗଣପର୍ବ କାଳୀପୂଜା ଦେଖିବା ପାଇଁ ସହରରେ ଭିଡ଼ ବଢ଼ିବାରେ ଲାଗିଛି। ମେଳା ପାଇଁ ପାଗ ଅନୁକୂଳ ଥିବାରୁ ବୁଧବାର ୩ୟ ଦିନରେ ଅପରାହ୍ନ ୪ଟାରୁ ଚରମ୍ପା ରେଳଷ୍ଟେଶନ ରାସ୍ତାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ମେଳାରେ ପୂଜା ମଣ୍ଡପ, ପାର୍ଶ୍ୱମୂର୍ତ୍ତି, ଆକର୍ଷଣୀୟ ତୋରଣ, ଆଲୋକସଜ୍ଜା ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖଣାହାରୀଙ୍କୁ ଆକର୍ଷିତ କରିଛି। ଏହାସହ ମୀନାବଜାର ଓ ଆକର୍ଷଣୀୟ ମନୋହରି ଦୋକାନ ସାଙ୍ଗକୁ ବିଭିନ୍ନ ଘରକରଣା ସାମଗ୍ରୀ ଦୋକାନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମେଳା ସହିତ ବିଭିନ୍ନ ଅପେରା ପାର୍ଟି କାଳୀପୂଜା ଅବସରରେ ପଡ଼ିଥିବାରୁ ଲୋକଙ୍କ ଭିଡ଼ ଦ୍ୱିଗୁଣିତ ହୋଇଛି। ଚରମ୍ପା ବଜାରର ସ୍କୁଲ ରୋଡ଼, ବିଶାଣିଖରିଦାର ବାସନ୍ତୀ କାଳୀମଣ୍ଡପ, ନବଗ୍ରହ ମନ୍ଦିର ରୋଡ଼ ଏରେଇଁ, ପିଡବ୍ଲ୍ୟୁଆଇ, ଡଗରାସାହି, ପଥରଆଡ଼ି, ଷ୍ଟେଶନ ଟ୍ରାଫିକଛକ ଓ ରାଜଘାଟ ପୋଲ ଶନି ମନ୍ଦିର ନିକଟରେ କାଳୀପୂଜା ଅନୁଷ୍ଠିତ ହେଉଛି। ବିଭିନ୍ନ ରଙ୍ଗୀନ ଆଲୋକମାଳାରେ ମଣ୍ଡପ ଗୁଡ଼ିକ ସୁସଜ୍ଜିତ ହୋଇଥିବା ବେଳେ ସୁଉଚ୍ଚ ତୋରଣ ଓ ପାର୍ଶ୍ୱମୂର୍ତ୍ତି ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଜିଲା ତଥା ଜିଲା ବାହାରୁ ଏପରିକି ପଡ଼ୋଶୀ ପଶ୍ଚିମବଙ୍ଗରୁ ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼ ଏହି ଚରମ୍ପା କାଳୀପୂଜାରେ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଏହି ମେଳାରେ ନିଜର ପସରା ମେଲାଇ ବସିଛନ୍ତି।

### ପାର୍ଶ୍ୱମୂର୍ତ୍ତିରେ ସଚେତନତା

ପୂଜା ମଣ୍ଡପରେ ମା' ଙ୍କ ମୃଣ୍ମୟୀ ମୂର୍ତ୍ତି ସହିତ ବିଭିନ୍ନ ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇ ସମାଜକୁ ସଚେତନତା ବାର୍ତ୍ତା ଦିଆଯାଇଛି। ପଥରଆଡ଼ି ପୂଜା ମଣ୍ଡପରେ ଋଷିଆ- ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ଶାନ୍ତି ଆଲୋଚନା, ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇଥିବା ବେଳେ ବିଶାଣିଖରିଦା ବାସନ୍ତୀ କାଳୀ ମଣ୍ଡପରେ କରୋନା ମହାମାରୀରେ ମୃତ୍ୟୁବରଣ କରିଥିବା ଏକ ମୃତଦେହକୁ ସମ୍ପର୍କୀୟମାନେ ଛୁଇଁ ନ ଥିବା ଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇଛି।

### ଠାକୁର ଦେଖା ସାଙ୍ଗକୁ ଯାତ୍ରା ଦେଖା

କାଳୀପୂଜା ପାଇଁ ୭ ଦିନ ଧରି ମେଳା ଅନୁଷ୍ଠିତ ହେଉଥିବା ବେଳେ ବିଭିନ୍ନ ଅପେରା ପାର୍ଟି ପକ୍ଷରୁ ଯାତ୍ରା ପରିବେଷଣ ହେଉଛି। ଦୂରଦୂରାନ୍ତରରୁ ଆସୁଥିବା ଲୋକମାନେ ସନ୍ଧ୍ୟାରେ ମେଳା ବୁଲିବା ପରେ ଯାତ୍ରା ଦେଖିବାର ସୁଯୋଗ ନେଉଛନ୍ତି। ଯାତ୍ରା କମିଟି ଏହି କାଳୀପୂଜାରେ ଲୋକଙ୍କ ମନୋରଞ୍ଜନ କରିବା ସହ ସେମାନଙ୍କର ଯାତ୍ରା ବେପାରରେ ଭଲ ରୋଜଗାର ହେଉଛି।

### ପାର୍କିଂବାଲାଙ୍କ ଭାଉ

ମେଳା ଦେଖିବାକୁ ଆସିଥିବା ଲୋକମାନେ ବାଇକ୍ ଓ ଚାରିଚକିଆ ଯାନ ରଖିବା ପାଇଁ ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଭିଡ଼ ପାଇଁ ବଜାର ଭିତରକୁ ଗାଡ଼ି ମନା ହୋଇଥିବା ବେଳେ ଷ୍ଟାଣ୍ଡରେ ଗାଡ଼ି ରଖିବାକୁ ଲୋକମାନେ ବାଧ୍ୟ ହେଉଛନ୍ତି। ଏହି ସୁଯୋଗରେ ପାର୍କିଂ ବାଲାଙ୍କ ଭାଉ କହିଲେ ନ ସରେ। ଗୋଟିଏ ବି ଗାଡ଼ି ବଜାର ଭିତରକୁ ନ ଛାଡ଼ି ସମସ୍ତ ଗାଡ଼ିକୁ ଷ୍ଟାଣ୍ଡରେ ରଖିବାକୁ ଜିଦ୍ କରୁଥିବା ଦେଖିବାକୁ ମିଳିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ନରୋତ୍ତମ


@ଚିନ୍ମୟ


@ଭକ୍ତ


@ପରେଶ


@ପ୍ରତାପ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ରାଜରାଜେଶ୍ୱରୀ ବେଶରେ ପୂଜା ପାଇଲେ ମା' ଭଦ୍ରକାଳୀ


ରାଜରାଜେଶ୍ୱରୀ ବେଶରେ ମା' ଭଦ୍ରକାଳୀ।

**ଭଦ୍ରକ ଅଫିସ,୨୬।୧୦**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ଦୀପାବଳିଠାରୁ ସପ୍ତମାତୃକା ବେଶରେ ପୂଜା ପାଉଥିବା ବେଳେ ବୁଧବାର ୩ୟ ଦିନରେ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କର ଏହି ବେଶକୁ ଦର୍ଶନ କରିବା ପାଇଁ ଭଦ୍ରକାଳୀ ପୀଠରେ ସକାଳୁ ଭକ୍ତମାନଙ୍କର ଲମ୍ବା ଧାଡ଼ି ଲାଗିଥିଲା। ମା'ଙ୍କର ମୁଖମଣ୍ଡଳ ପଦ୍ମବର୍ଣ୍ଣ ଥିବା ବେଳେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଚତୁର୍ଦ୍ଧା ମୂର୍ତ୍ତିରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ମା'ଙ୍କୁ ନାଲି ପାଟବସ୍ତ୍ର ପରିଧାନ କରାଯାଇ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ରାଜରାଜେଶ୍ୱରୀ ବେଶରେ ଦର୍ଶନ କଲେ କର୍ମକ୍ଷେତ୍ରରେ ବିଜୟୀ ହେବା ସହ ଉଚ୍ଚ ପଦ ପ୍ରାପ୍ତ ହୋଇଥାଏ ବୋଲି ଭକ୍ତଙ୍କ ମନରେ ବିଶ୍ୱାସ ରହିଛି। ପୀଠରେ ଦୀପାବଳିଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞରର ଆହୂତି ଓ ପୂଜା, ରୀତି ନୀତି ଚାଲୁ ରହିଛି। ଗୀତା ପାଠ, ଚଣ୍ଡୀ ପାଠ, ବେଦ ପାଠ, ନାମ ସଂକୀର୍ତ୍ତନ ମଧ୍ୟରେ ଏକ ନିଆରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ୪ର୍ଥ ଦିନରେ ମା' ସିଂହବାହିନୀ ବେଶରେ ଦର୍ଶନ ଦେବେ।

## ମଧ୍ୟରାତ୍ରିରେ ଶୁଭେ ମା'ଙ୍କ ଶଙ୍ଖା ଝମ୍‌ଝମ୍ ଶବ୍ଦ

**ଆରଡ଼ି,୨୬।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ବ୍ରାହ୍ମଣପାଳରେ ମା' କାଳୀଙ୍କ ପୂଜାର୍ଚ୍ଚନା କରାଯାଉଛି। ସୋମବାରଠାରୁ ଆରମ୍ଭ ହୋଇଥିବା ପୂଜା ମଙ୍ଗଳବାର ସୂର୍ଯ୍ୟୋପରାଗ ଥିବାରୁ ବନ୍ଦ ରହିଥିଲା। ବୁଧବାର ବିଧି ମୁତାବକ ପୂଜା ହୋଇଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଭକ୍ତମାନେ ମା'ଙ୍କ ପ୍ରିୟ ଭୋଗ କାକରା, ମାଲପୁଆ, ଆରିସା, ଜିଲାପି, ଖୁଦୁମା, ଉଖୁଡ଼ା ଆଦି ଭୋଗ କିଣି ମା'ଙ୍କ ପାଖରେ ସମର୍ପଣ କରିଥିଲେ।

ବ୍ରାହ୍ମଣପାଳ କାଳୀପୂଜାର ବହୁ କିମ୍ବଦନ୍ତୀ ରହିଛି। ଏଠାରେ ମା'କାଳୀଙ୍କ ବ୍ରହ୍ମପିତୁଳା ମହାକାଳୀଙ୍କ ବିଗ୍ରହରେ ସ୍ଥାପନ କରାଯାଇ ୫ ଦିନ ଧରି ପୂଜା କରାଯାଇଥାଏ। ଅନ୍ୟ କୌଣସି ଶକ୍ତିପୀଠରେ ଏଭଳି ପରମ୍ପରା ପରିଲକ୍ଷିତ ହୁଏ ନାହିଁ। ବଡ଼ପଣ୍ଡା (ପୂଜକ) ସନ୍ତୋଷ ପଣ୍ଡା କୁହନ୍ତି, ପ୍ରାୟ ୧ ହଜାର ୨ ଶହ ବର୍ଷତଳେ ବାଂଲାଦେଶର ରାଜସାଜି ଜିଲାରୁ ତାଙ୍କର ପୂର୍ବଜ କାଳନ୍ଦୀ ପଣ୍ଡା ଜଣେ ଭାରୁଆ ସହ ନିଜ ଗ୍ରାମ ଯାଜପୁରର ଶିରିଆପୁରକୁ ସ୍ୱର୍ଣ୍ଣମୁଦ୍ରା ଭାରନେଇ ଆସୁଥିଲେ। ମା'କାଳି ତାଙ୍କ ପଛେପଛେ ଆସୁଥିଲେ। ତାଙ୍କୁ ସ୍ୱପ୍ନରେ ପଛକୁ ନ ଚାହିଁବା ପାଇଁ ମା' କହିଥିଲେ। କିଛି ଶବ୍ଦ ନ ଶୁଭିବାରୁ କାଳନ୍ଦୀ ପଛକୁ ଚାହିଁ ଦେଲେ। ସେଠାରେ (ବ୍ରାହ୍ମଣପାଳରେ) ମା' ସେହି ଦିନଠାରୁ ଅବସ୍ଥାନ କରିଛନ୍ତି ବୋଲି ଶୂନ୍ୟବାଣୀ ହୋଇଥିଲା। ପରଦିନ ସେଠାରେ ଏକ ସିନ୍ଦୁର ମୁଣ୍ଡା (ବ୍ରହ୍ମ ପିତୁଳା) ମିଳିଥିଲା।


ବ୍ରାହ୍ମଣପାଳରେ ମା'କାଳୀ ପୂଜା ପାଉଛନ୍ତି।

### ବ୍ରାହ୍ମଣପାଳରେ କାଳୀପୂଜା

ଏହାକୁ ମା' କାଳୀଙ୍କ ବ୍ରହ୍ମ ସ୍ୱରୂପ ତାଙ୍କ ବଂଶଜମାନେ ପୂଜାର୍ଚ୍ଚନା କରିଆସୁଛନ୍ତି। ଦୀର୍ଘ ୧୨ ଶହ ବର୍ଷଧରି ଏହି ବ୍ରହ୍ମ ପିତୁଳାରେ ପ୍ରତିମାସ ଅମାବାସ୍ୟାରେ ୫ ଗ୍ରାମରୁ ଅଧିକ ସିନ୍ଦୁର ଲଗାଉଥିଲେ ବି ବ୍ରହ୍ମ ପିତୁଳାର ଆକାରରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ପ୍ରତିବର୍ଷ ଦଶହରା ପରଦିନ ମା'ଙ୍କ ବିଗ୍ରହ ଗଠନ ବେଳେ ବ୍ରହ୍ମପିଣ୍ଡକୁ ସେଥିରେ ଅବସ୍ଥାପିତ କରାଯାଏ। ଭସାଣି ପରଦିନ ଆଣି ପୂଜାସ୍ଥଳରେ ପୂର୍ବପରି ରଖାଯାଏ ବୋଲି ପୁରୋହିତ ଉମାକାନ୍ତ ମିଶ୍ର କହିଛନ୍ତି। ଶକ୍ତିପୀଠ ନିକଟସ୍ଥ ନଦୀଗାଁ ଗ୍ରାମର ଉମାକାନ୍ତ ଦାସ କୁହନ୍ତି ତାଙ୍କ ବାପା ରାମଚନ୍ଦ୍ର ଦାସ ଏହି ଗ୍ରାମର ଚୌକିଦାର ଭାବେ କାର୍ଯ୍ୟ କରୁଥିଲେ। ସେ ଗଭୀର ନିଶିଥ(ମଧ୍ୟରାତ୍ରି)ରେ ବହୁଥର ମା'ଙ୍କ କାଚ ଝମ୍‌ଝମ୍ ଶବ୍ଦ ଶୁଣିଥିବା ଓ ଅନ୍ୟମାନଙ୍କୁ ଶୁଣାଇଥିବା କହିଥିଲେ। ସେହିପରି ସ୍ଥାନୀୟ ବାସିନ୍ଦା ମଧ୍ୟ ଏଠାରେ ଅର୍ଦ୍ଧରାତ୍ରରେ ଝୁଣା ବାସ୍ନା ହେଉଥିବା ଉପଲବ୍ଧି କରିଥିବା କହିଛନ୍ତି।

## ବୁଢ଼ାଗଡ଼ିଆ କାଳୀପୂଜାରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖଇରା, ୨୬।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ଅନ୍ୟତମ ପ୍ରସିଦ୍ଧ ବୁଢ଼ାଗଡିଆରେ ମା' କାଳୀଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ସୋମବାରଠାରୁ ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଦର୍ଶନକୁ ଶୃଙ୍ଖଳିତ କରିବାକୁ ପୂଜା କମିଟି ତରଫରୁ ଧ୍ୟାନ ଦିଆଯାଉଛି। ସୋମବାର ସନ୍ଧ୍ୟାରେ କେଶବ ପାତ୍ର, ଦୁଃଖି ସାହୁ, କାଳିଆ ବାରିକ, ବୁଦ୍ଧିରାମ ମହାକୁଡଙ୍କୁ ଦ୍ୱାରା କଳସ ଅଣାଯିବା ପରେ ପଣ୍ଡିତ ଘନଶ୍ୟାମ କର, ନିରଞ୍ଜନ କର, ଜଡା ପାଢୀଙ୍କ ଦ୍ୱାରା ଦ୍ୱାରା ମା'ଙ୍କ ପୂଜା ସହ ହୋମଯଜ୍ଞାଦି କରାଯାଇଥିଲା। କମିଟି ସଭାପତି ପ୍ରଫୁଲ୍ଲ କୁମାର ଖଣ୍ଡା, ସମ୍ପାଦକ ପପୁ ବାରିକ, କୋଷାଧ୍ୟକ୍ଷ ନଗେନ୍ଦ୍ର ମହାନ୍ତି ତଥା ସମସ୍ତ ସଦସ୍ୟ, ସ୍ଥାନୀୟ ବ୍ୟବସାୟୀ ବନ୍ଧୁମାନଙ୍କ ସହଯୋଗରେ ଚଳିତବର୍ଷ ପୂଜା, ତୋରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରାଯିବାକୁ ଚେଷ୍ଟା କରାଯାଇଛି । ୨୮ତାରିଖ ଉଦ୍‌ଯାପନୀ ସମାରୋହ ୨ରେ ହେବ।


ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

## ପୋଡ଼ାଶୁଳ ଉତ୍ସବମୁଖର



**ନୀଳଗିରି, ୨୬।୧୦(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପୋଡ଼ାଶୂଳରେ କାଳିପୂଜା ମେଳା ଧୁମ୍‌ଧାମରେ ପାଳିତ ହେଉଛି। ରଙ୍ଗୀନ ଆଲୋକମାଳା ସାଜସଜ୍ଜା ତୋରଣ ସାଙ୍ଗକୁ ଝଲସୁଛି ପରିବେଶ। ଦୀର୍ଘ ୫୫ବର୍ଷ ହେବ ଏହି ପୂଜା ହୋଇଆସୁଛି। ଛୋଟବଡ଼ ବ୍ୟବସାୟୀମାନେ ବିକ୍ରିବଟା ପାଇଁ ଜିଲା ଏବଂ ଜିଲା ବାହାରୁ ଆସି ୧୨ଦିନ ପାଇଁ ଏଠାରେ ପସରା ମେଲାଇଥାନ୍ତି। ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାତ୍ରା କମିଟି ପକ୍ଷରୁ ବିଶ୍ୱଦରବାର ଗଣନାଟ୍ୟ ଦ୍ୱାରା ଯାତ୍ରା ପରିବେଷଣ ଚାଲିଛି। କମିଟି ସଭାପତି ଭାସ୍କର ମିଶ୍ର, ସମ୍ପାଦକ ଗୋପୀନାଥ ଶତପଥୀ, କୋଷାଧ୍ୟକ୍ଷ ରବୀନ୍ଦ୍ର ବେହେରା, ସଦସ୍ୟ ହରେକୃଷ୍ଣ ମହାକୁଡ଼, ବିକାଶ ପତି, କୈଳାସ ମହାନ୍ତି, ଅଶୋକ ଦାସ, ବିଶ୍ୱନାଥ ଦାସ, ରାଜୀବ ଦାସବାବୁ, ସିପୁ ଦାସବାବୁ, ବିନୋଦ ମହାନ୍ତି, ରାମଚନ୍ଦ୍ର ସିଂ, ଜୟନ୍ତ ବେହେରା, ବଳରାମ ବିଶ୍ୱାଳ, ମନୋଜ ଲେଙ୍କା, ସୁରେଶ ଧୀର, ଜୟନ୍ତ ସ, ଭରତ ସ ଓ ଲକ୍ଷ୍ମୀଧର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି। ଆସନ୍ତା ୬ ତାରିଖରେ ମେଢ଼ ଭସାଣି କରାଯିବା ଲାଗି ସ୍ଥିର ହୋଇଛି।

## ଦୁଲୁକୁଛି ଖନ୍ତାପଡ଼ା, ଗୋପାଳପୁର ବଜାର

ବାହାନଗା, ୨୬।୧୦(ଡି.ଏନ.ଏ.)–ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ବଜାରରେ ଦୀର୍ଘ ୧୧୫ ବର୍ଷ ଧରି ପାଳନ ହୋଇଆସୁଛି ମା' କାଳୀଙ୍କ ପୂଜା । ସେହିପରି ଗୋପାଳପୁର ବଜାରରେ ପାଖାପାଖି ଦୀର୍ଘ ୬୬ ବର୍ଷ ଧରି ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ ପୂଜା କରାଯାଉଛି। ତେବେ ଦୁଇଟି ବଜାରରେ ମା' କାଳୀ ପୂଜା ଉପଲକ୍ଷେ ଦୁଲୁକୁଛି। ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଖନ୍ତାପଡା ବଜାର ୧୬ ନମ୍ବର ଜାତୀୟ ରାଜପଥ କଡରେ ହୋଇଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ଦୀର୍ଘ ୧୫ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହି ବଜାରରେ ଦୀର୍ଘ ୧୧୫ ବର୍ଷ ଧରି ମା' କାଳୀ ଙ୍କ ପୂଜା ମହାଆଡମ୍ବରରେ ପାଳନ ହୋଇଆସୁଛି। ଏହି ସମୟରେ ଖନ୍ତାପଡାସ୍ଥିତ ରାମନଗର ପଡିଆରେ ଖନ୍ତାପଡା ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ପୂଜାକୁ ସରସସୁନ୍ଦର କରିବା ପାଇଁ ବଜାରର ୪ ଦିଗରେ ବିଭିନ୍ନ କୁଞ୍ଜମାନ ପ୍ରତିଷ୍ଠା କରାଯାଇଛି। ପ୍ରତ୍ୟେକ ରାତିରେ ଠାକୁର ଓ କୁଞ୍ଜଗୁଡିକୁ ଦେଖିବା ପାଇଁ ଲୋକଙ୍କ ଗହଳି ହେଉଛି। ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ଓ ମେଲୋଡି ଅନୁଷ୍ଠିତ ହେଉଛି। ଖନ୍ତାପଡା ବଜାର କମିଟି ସଭାପତି ସୁଶାନ୍ତ ଲେଙ୍କା ଓ ସମ୍ପାଦକ ରାଧାମାଧବ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ଏହି ପୂଜା ଅନୁଷ୍ଠିତ ହେଉଛି।



## ସାର୍ବଜନୀନ କାଳୀପୂଜାରେ ଜମୁଛି ଭିଡ଼



**ଯୋଡ଼ା,୨୬।୧୦(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ସହର ସ୍ଥିତ ବସ୍‌ଷ୍ଟାଣ୍ଡ ନିକଟରେ ସାର୍ବଜନୀନ କାଳୀପୂଜା ଆରମ୍ଭ ହୋଇଛି। ଗତ ଦୁଇ ବର୍ଷ ଧରି କଟକଣା ପାଇଁ କାଳୀପୂଜା ସମୟରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିଥିଲା। ଚଳିତ ବର୍ଷ କଟକଣା ନ ଥିବାରୁ ମା'ଙ୍କ ଦର୍ଶନ ଓ ଯାତ୍ରା ବୁଲିବାକୁ ଶ୍ରଦ୍ଧାଳଙ୍କ ଭିଡ଼ ଜମୁଛି। ରଙ୍ଗବେରଙ୍ଗ ଆଲୋକମାଳା, ତୋରଣରେ ଅଞ୍ଚଳ ଝଲସୁଛି। ଗତ ସୋମବାର ରାତିରୁ କଳସଯାତ୍ରା ପରେ ପୂଜା ମଣ୍ଡପରେ ମା' କାଳୀଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ମଙ୍ଗଳବାର ସୂର୍ଯ୍ୟୋପରାଗ ଥିବାରୁ ପୂଜା ବନ୍ଦ ଥିଲା। ବୁଧବାର ସୂର୍ଯ୍ୟୋଦୟ ପରେ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ କରାଯାଇଥିବା ମୁଖ୍ୟ ପୂଜକ ସୁର ପଣ୍ଡିତ ସୂଚନା ଦେଇଛନ୍ତି। ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ। ଆସନ୍ତା ରବିବାର ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଉଛି।

## ଅଙ୍ଗନୱାଡ଼ି କର୍ମୀଙ୍କ ଝୁଲନ୍ତା ମୃତଦେହ ଜବତ

ଚମ୍ପୁଆ,(ଡି.ଏନ.ଏ):କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ କାଞ୍ଜିଆଶୋଳାଠାରେ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ କାଞ୍ଜିଆଶୋଳା ମିନି ଅଙ୍ଗନୱାଡ଼ି କର୍ମୀ ରହଣୀ ନାଏକ। ବୁଧବାର ତାଙ୍କ ମୃତଦେହ ଘରଭିତରେ ଝୁଲୁଥିବା ଦେଖି ପରିବାରଲୋକେ ପୋଲିସକୁ ଖବର ଦେଇଥିଲେ। ଚମ୍ପୁଆ ପୋଲିସ ମୃତଦେହ ଜବତ କରି ଚମ୍ପୁଆ ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ହସ୍ତାନ୍ତର କରିଛି। ଦୀର୍ଘଦିନ ଧରି ଅସୁସ୍ଥ ଥିବାରୁ ସେ ଏଭଳି ପଦକ୍ଷେପ ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ସଂକ୍ଷେପରେ

## ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ପାଟଣା,୨୬।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୂଳି ପଞ୍ଚାୟତ ଦାଶରଥୀପୁର ଗାଁର ଜଣେ ମହିଳା ପାରିବାରିକ କଳହକୁ ନେଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ନିର୍ମଳ ମୁଣ୍ଡାଙ୍କ ସ୍ତ୍ରୀ ବୁଧୁନି ମୁଣ୍ଡା। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସାକୁ ନେଇ ମଙ୍ଗଳବାର ରାତିରେ ବୁଧୁନି ବିଷ ପିଇ ଗୁରୁତର ହୋଇଥିଲେ। ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମୋବାଇଲ ଦେଖାକୁ ନେଇ ପାଟିତୁଣ୍ଡ ହୋଇଥିବା ପୋଲିସ ଜାଣିବାକୁ ପାଇଛି। ତୁରୁମୁଙ୍ଗା ଥାନାରେ (ନଂ. ୨୫/୨୨)ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଚାଲିଥିବା ଏସ୍ଆଇ ସୁଜାତା ମହାନ୍ତ କହିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ରୂପସା, ୨୬।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ବଡ଼ଗୁବୁରା ଗ୍ରାମର ଗଣପତି ଧଳ ମଙ୍ଗଳବାର ରାତିରେ ଶୌଚ ହେବାକୁ ଯାଇ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ସ୍ଥାନୀୟ ପୋଖରୀକୁ ଶୌଚ ହେବାକୁ ଯାଇ ଅସାବଧାନତା ବଶତଃ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ପୋଖରୀରେ ଭାସୁଥିବା ଦେଖିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ବସ୍ତା ଥାନା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି।

## ସିରିଏଲ୍ ଚୋରି : ଜଣେ ଅଟକ, ୩ ଫେରାର

ଭୋଗରାଇ, ୨୬।୧୦(ଡି.ଏନ.ଏ.)- ଭୋଗରାଇ ବ୍ଲକରେ କିଛିମାସ ଧରି ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। କିଛି କିଛି ସ୍ଥାନରେ ହୋମଗାର୍ଡ଼ଙ୍କୁ ମୁତୟନ କରାଯାଇଥିବା ବେଳେ ସେମାନଙ୍କର ନଜର କେବଳ ବାଲି ବୋଝେଇ ଟ୍ରକ୍, ମେଟାଲ ଓ ଅନ୍ୟାନ୍ୟ ସାମଗ୍ରୀ ଉପରେ ରହିଛି। ହେଲେ ଚୋରଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଜଳସୋହରିଆ ଛକଠାରେ ଏକ କ୍ୟାବିନ୍ ଭିତରେ ୨ଜଣ ଚୋର ପଶି ଚୋରି କରୁଥିବା ବେଳେ ଦୋକାନୀ ଜାଣି ପାରି ତାଙ୍କ ପୁଅକୁ ଫୋନ୍ କରି ଡାକିଥିଲେ। ଗାଁ ଲୋକ ଓ ତାଙ୍କ ପୁଅମାନେ ଆସିବାରୁ କ୍ୟାବିନରୁ ଚୋରମାନେ ବାହାରି ଦୌଡ଼ି ପଳାଇଯାଇଥିଲେ। ପରେ ଗ୍ରାମବାସୀ ତଲାସୀ କରି ଜଣେ ଯୁବକଙ୍କୁ କାବୁ କରି ପିଟିଥିଲେ। ଘଟଣାସ୍ଥଳରୁ ଗୋଟିଏ ବାଇକକୁ ଗ୍ରାମବାସୀ ଉଦ୍ଧାର କରିଥିବା ବେଳେ ଗାଡ଼ିରେ ଆସିଥିବା ଅନ୍ୟ ୩ଜଣ ଚୋର ଦୌଡ଼ି ପଳାଇଥିଲେ। ଧରାପଡ଼ିଥିବା ଯୁବକଙ୍କ ଘର ଟେଙ୍ଗରାମାରୀ ଓ ଅନ୍ୟ ୩ଜଣଙ୍କ ଘର ମାଟିକେଆଁ, ମହେଶପୁର, ଭୋଗରାଇ ଗାଁରେ ବୋଲି ଜଣାପଡିଛି। ପୋଲିସ ଯୁବକଙ୍କୁ ଥାନାରେ ରଖି ପଚରାଉଚରା କରୁଛି।

# ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ବାରିପଦା ଅଫିସ,୨୬।୧୦

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଚିପଟଅସ୍ତିଆସ୍ଥିତ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଆବେଦନକାରିଣୀ ଜିଲାପାଳଙ୍କୁ ଭେଟି ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ଆଗାମୀ ୭ଦିନ ମଧ୍ୟରେ ଦାବି ମୁତାବକ ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ତାଲାବନ୍ଦ କରି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏଥି ସହିତ ଗ୍ରାମବାସୀ ମହିଳା ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ, ଜିଲା ସମାଜ କଲ୍ୟାଣ ବିଭାଗ ନିକଟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବିପତ୍ର ପଠାଇଛନ୍ତି।

ସୂଚନା ଅନୁଯାୟୀ, ଚିପଟଅସ୍ତିଆ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ କିଛି ମାସ ପୂର୍ବେ ମୃତ୍ୟୁ ହେବାରୁ ପଦବୀ ଖାଲି ପଡ଼ିଥିଲା। ନୂତନ କର୍ମୀ ନିଯୁକ୍ତି ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ୨୦୨୨ ଅଗଷ୍ଟ ୨୯ରେ ବିଜ୍ଞାପନ(ସଂଖ୍ୟା ୧୨୬୪) ପ୍ରକାଶ ପାଇଥିଲା। ଶ୍ୟାମାଖୁଣ୍ଟା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଅଧିକାରିଣୀ, ସ୍ଥାନୀୟ ସରପଞ୍ଚ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ କର୍ମୀ ନିଯୁକ୍ତି ନେଇ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମୂହ ଆଲୋଚନା

### ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ଆବେଦନକାରିଣୀ

କରାଯାଇ ଜଣେ ଆଦିବାସୀ ବିଧବା ମହିଳାଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବା ବାବଦରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବିଜ୍ଞାପନ ମୁତାବକ ଗ୍ରାମର ଅସହାୟ ଶିକ୍ଷିତା ବିଧବା ମହିଳା ସୀମା ଗିରି ଅନ୍‌ଲାଇନରେ ମାଧ୍ୟମରେ ଆବେଦନ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ୨ସନ୍ତାନଙ୍କୁ ନେଇ ସେ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି। ବିଜ୍ଞାପନ ମୁତାବକ ସୀମା ମାଟ୍ରିକ ପାସ କରିଥିବା ସହ ତାଙ୍କର ଜନ୍ମସ୍ଥାନ ତଥା ବାପଘର ଏବଂ ବିଧବା ହୋଇ ରହୁଥିବା ଶାଶୁଘର ମଧ୍ୟ ଚିପଟଅସ୍ତିଆ ଗ୍ରାମରେ ହୋଇଥିବାରୁ ବୈଠକରେ ସର୍ବସମ୍ମତି କ୍ରମେ ତାଙ୍କୁ ଅଙ୍ଗନୱାଡି କର୍ମୀ ଭାବେ ଅଗ୍ରାଧିକାର ଦେଇ ନିଯୁକ୍ତି ଦିଆଯିବାକୁ ସିଦ୍ଧାନ୍ତ ହୋଇଥିଲା। କିନ୍ତୁ ସମସ୍ତ ପ୍ରକ୍ରିୟା ସମାପ୍ତ ପରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଗ୍ରାମର ଜଣେ କଲେଜ ଛାତ୍ରୀଙ୍କୁ ନିଯୁକ୍ତି ଦିଆ ଯାଇଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ଆବେଦନକାରୀ ସୀମା ଗିରି ଜିଲାପାଳଙ୍କୁ ଭେଟି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଅବସର ପରେ ସମାଜସେବା



ମାଛ ଧରିବା ପାଇଁ ବନିଶୀ ପକାଉଛନ୍ତି ସନାତନ।

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୨୬।୧୦

ଲୋକଙ୍କ ସେବା କରିବାକୁ ଛୋଟବେଳୁ ଆଗ୍ରହ ଥିଲା। ହେଲେ ସଂସାର ଦାୟିତ୍ୱ ମଧ୍ୟରେ ସେସବୁ କରିବା ସମ୍ଭବ ହୋଇ ନ ଥିଲା। ସେ ଚାକିରି ଜୀବନରୁ ଅବସର ନେବା ମାତ୍ରେ ପରିବାରର ଦାୟିତ୍ୱ ବୋହୂ ପୁଅ ହାତରେ ଟେକି ଦେଇ ନିଜ ଇଚ୍ଛାକୁ ସମ୍ମାନ ଦେବାକୁ ବାହାରି ପଡ଼ିଛନ୍ତି ବାଲେଶ୍ୱର ଜିଲା କୁରୁଡ଼ା ଅଞ୍ଚଳର ୬୩ବର୍ଷୀୟ ସନାତନ ସେଠୀ। ସେ ନିଜ ସାଇକେଲ ଧରି ବିଭିନ୍ନ ନଦୀଘାଟକୁ ଯାଇ ବୁଲି ବୁଲି ବଂଶୀ ପକାଉଛନ୍ତି। ସେଥିରେ ମାଛ ପଡ଼ିଲେ ତାହାକୁ ବିକ୍ରି କରି ସମାଜସେବାରେ ଲଗାଇଥାନ୍ତି। ଏହାଦ୍ୱାରା ତାଙ୍କୁ ଆତ୍ମସନ୍ତୋଷ ମିଳିଥାଏ ବୋଲି କୁହନ୍ତି ସନାତନ।

ବାଲେଶ୍ୱର ସହରସ୍ଥିତ ହରିପ୍ଲାଷ୍ଟ କମ୍ପାନୀରେ ସନାତନ କାର୍ଯ୍ୟ କରୁଥିଲେ। ତାଙ୍କର ସ୍ତ୍ରୀ ପୂର୍ବରୁ ମୃତ୍ୟୁବରଣ କରିଥିବା ବେଳେ ଦୁଇ ପୁଅ ଅଛନ୍ତି। ବଡ଼ପୁଅ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିବା ବେଳେ ଅବିବାହିତ ଅଛନ୍ତି। ସାନପୁଅ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ବିବାହ ହୋଇଛି। କେଉଁ ନଦୀ ଓ କେଉଁ ମୁହାଣରେ ମାଛ ଲାଗୁଛନ୍ତି ଖବର ପାଇବା ମାତ୍ରେ ସେ ବଂଶୀ ଧରି ଛୁଟିଯାନ୍ତି। ଭୋର୍ ୪ଟାରୁ ପହଞ୍ଚି ଯାଆନ୍ତି ନଦୀ ପାଖରେ। ମାଛ ପଡ଼ିଲେ କଟିଯାଏ ଦିନ ସାରା, ନ ପଡ଼ିଲେ ମଧ୍ୟାହ୍ନ ପର୍ଯ୍ୟନ୍ତ ଅପେକ୍ଷା କରି ଘରକୁ ଫେରନ୍ତି। ଏଥିରେ ସେ କ୍ଳାନ୍ତି ଅନୁଭବ କରି ନ ଥାନ୍ତି। ସହର ନିକଟସ୍ଥ ଫୁଲାଡ଼ି ଲୁହାପୋଲ ତଳେ ବୁଢ଼ାବଳଙ୍ଗ ନଦୀରେ ସନାତନ ବଂଶୀ ପକାଇବାକୁ ଯାଇଥାନ୍ତି। ଏଥିସହିତ ବେଲବାରିଆ, କଣ୍ଟାବଣିଆ, ଦାଣ୍ଡଫୁଲାଡ଼ି ଅଞ୍ଚଳରେ ମଧ୍ୟ ସେ ବଂଶୀ ପକାନ୍ତି। ତାଙ୍କ ନିକଟରେ ୧୮ଶହ ଟଙ୍କିଆ ୬ଟି ବଂଶୀ ରହିଛି। ପାଉଁରୁଟି, ହାଣ୍ଡିଆମରା, କାଇ ଅଣ୍ଡା ଏସବୁକୁ ମିଶ୍ରଣ କରି ମାଛ ଧରିବା ପାଇଁ ଆବଶ୍ୟକ ଥିବା ଚାରା ପ୍ରସ୍ତୁତ କରି ବଂଶୀ କଣ୍ଟାରେ ଗୁନ୍ଥିଥାନ୍ତି। ସେହିପରି ମାଛଗୁଡ଼ିକୁ ଆକର୍ଷିତ କରିବା ଲାଗି ମକା ଗୁଣ୍ଡ, ଅଙ୍ଗନୱାଡ଼ି ଖାଦ୍ୟ, ବୁଟଛତୁ, ହାଣ୍ଡିଆ ମରାକୁ ମିଶ୍ରଣ କରାଯାଇ ବଡ଼ ବଡ଼ ଲଡୁ ତିଆରି ହୁଏ। ଯାହା ବଂଶୀକଣ୍ଟାର ଚାରିପାଖରେ ଲଗାଯାଇଥାଏ। ଏସବୁକୁ ପ୍ରସ୍ତୁତ କରିବା ପାଇଁ ୪ରୁ ୫ ଶହ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି ଖାଦ୍ୟକୁ ଖାଇବା ପାଇଁ ନଦୀ ଭିତରେ ଥିବା ବଡ଼ ବଡ଼ ରୋହି, ମିର୍ଗ, ଭାକୁଡ଼ିଆ ମାଛ (ଯାହାର ଓଜନ ପ୍ରାୟ ୫/୬ କିଲୋରୁ ଉର୍ଦ୍ଧ୍ୱ) ଭଲ ପାଇଥାନ୍ତି। ଦିନକୁ ୮/୧୦ଟା ପର୍ଯ୍ୟନ୍ତ ମାଛ ବଂଶୀରେ ପଡ଼ିଥାନ୍ତି। ନଦୀଘାଟରୁ ମାଛକୁ ଲୋକେ କିଣିନିଅନ୍ତି। ବେଳେବେଳେ ବଜାରରେ ମଧ୍ୟ କେଜି ୨ଶହ ଟଙ୍କାରେ ବିକ୍ରି କରିଥାନ୍ତି। ମାଛ ଧରିବା ପାଇଁ ସନାତନ ସାଙ୍ଗରେ ସକାଳ ଜଳଖିଆ ପାଇଁ ମୁଢ଼ି, ଦ୍ୱିପ୍ରହର ପାଇଁ ପଖାଳ, ତରକାରୀ ଓ ପାଣି ସାଥିରେ ନେଇ ଘରୁ ବାହାରନ୍ତି। ମାସରେ ୫ରୁ ୬ଦିନ ନିଶ୍ଚିତ ଭବେ ଭଲ ମାଛ ବଂଶୀରେ ପଡ଼ିଥାନ୍ତି। ନଦୀରେ ବଂଶୀ ପକାଇବା ପାଇଁ କିଛି ଦେୟ ଦେବାକୁ ପଡ଼େ ନାହିଁ। ମାଛ ପଡ଼ିଲେ ଭଲ ଓ ନ ପଡ଼ିଲେ କିଛି ଅସୁବିଧା ହୁଏନାହିଁ ବୋଲି ସନାତନ କୁହନ୍ତି।

# ପୌର କାର୍ଯ୍ୟାଳୟରେ ତାଲା ପକାଇଲେ କାଉନ୍‌ସିଲର୍



କାଉନସିଲରଙ୍କ ସହ ଏସ୍ଏଚ୍‌ଜି ମହିଳା।

ଆନନ୍ଦପୁର,୨୬।୧୦(ସ୍ୱ.ପ୍ର.)

କେନ୍ଦୁଝର ଆନନ୍ଦପୁର ପୌରପରିଷଦର ଉପନଗରପାଳଙ୍କ ସହିତ କାଉନ୍‌ସିଲରମାନେ ବୁଧବାର ପୌରକାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି। ଆନନ୍ଦପୁର ପୌରପରିଷଦରେ କର୍ମଚାରୀ ଅଭାବ ଜନିତ ସମସ୍ୟା ଲାଗି ରହିଥିବା ବେଳେ ପୂର୍ବରୁ ବହୁବାର ପ୍ରତିବାଦ ହୋଇଛି। ମାତ୍ର ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରି ଆନନ୍ଦପୁର ଉପନଗରପାଳ ଦୁର୍ଗାଚରଣ ଦଳେଇଙ୍କ ନେତୃତ୍ୱରେ ୭ ନଂ. ୱାର୍ଡ଼ର କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା, ୮ ନଂ.ର ସୁରେନ୍ଦ୍ର ଦାସ, ୯ ନଂ.ର ସନତ୍ କର, ୧୩ ନଂ.ର ସମ୍ବିତ୍ ଦାସଙ୍କ ସହିତ ଅନ୍ୟ କାଉନ୍‌ସିଲରମାନେ ପ୍ରତିବାଦରେ ସାମିଲ ହୋଇଥିଲେ। ଏଥିସହ ସିଇଓଙ୍କ ବଦଳି ପ୍ରତିବାଦରେ କାଉନ୍‌ସିଲରମାନଙ୍କ ସହିତ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି)ର ମହିଳାମାନେ ସାମିଲ ହୋଇଥିବା ଦେଖାଯାଇଛି।

### ପୌରପରିଷଦରେ କର୍ମଚାରୀ ଅଭାବ ପ୍ରସଙ୍ଗ

ଅଭିଯୋଗ ମୁତାବକ, ପୌରପରିଷଦରେ କର୍ମଚାରୀଙ୍କ ଅଭାବ ଜନିତ ସମସ୍ୟା ପାଇଁ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରାଯିବାରେ ବାଧା ସୃଷ୍ଟି ହେଉଛି। ଜନ୍ମମୃତ୍ୟୁ ପଞ୍ଜୀକରଣ ବ୍ୟବସ୍ଥାକୁ ସ୍ଥାନାନ୍ତର, ବସ୍‌ଷ୍ଟାଣ୍ଡର ନବୀକରଣ ପାଇଁ ପୌରପରିଷଦର ଭେଣ୍ଡିଂ ଜୋନ୍‌କୁ ଉଚ୍ଛେଦ ଦ୍ୱାରା ପୌରପରିଷଦର ବାର୍ଷିକ ଅଢ଼େଇ ଲକ୍ଷ ରାଜସ୍ୱ ହରାଇବା ଏବଂ ଡିଏମ୍ଏଫ ମାଧ୍ୟମରେ କ୍ଷତିପୂରଣ, ପୌରପରିଷଦରେ ସିଓ, ବରିଷ୍ଠ ସହାୟକ, କନିଷ୍ଠ ସହାୟକଙ୍କ ସହିତ ୧୪ କର୍ମଚାରୀ ପଦବୀ ଖାଲିକୁ ନେଇ ଚଳିତ ମାସ ୧୨ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ୧୩ରେ ଆନନ୍ଦପୁର ଉପଜିଲାପାଳ ଅନୀଲ ସେଠୀ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରି ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପାଳନ ଦୂରର କଥା କାର୍ଯ୍ୟରତ ସିଇଓଙ୍କ ବଦଳି ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ହୋଇଛି। ଯାହାକୁ ନେଇ କାଉନ୍‌ସିଲରମାନେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ପ୍ରକାଶ କରିଛନ୍ତି।

## ବନ୍ଦ ହେଲା ପିଇଓଙ୍କ ଦରମା

ଭଦ୍ରକ ଅଫିସ, ୨୬।୧୦

ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ଅଶୋକ ସ୍ୱାଇଁଙ୍କ ଦରମା ବନ୍ଦ କରାଯାଇଛି। ଆର୍‌ଟିଆଇରେ ମଗାଯାଇଥିବା ତଥ୍ୟର ସଠିକ୍ ରିପୋର୍ଟ ଅବଧି ମଧ୍ୟରେ ଦେଇ ନ ପାରିବାରୁ ବନ୍ତ ବିଡିଓ ତାଙ୍କ ବନ୍ଦ କରିଥିବା ସମ୍ପର୍କରେ ଆର୍‌ଟିଆଇ ଅଧିକାରୀଙ୍କୁ ଚିଠି କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତ ଅନ୍ତର୍ଗତ ବରପଦୀ ଗ୍ରାମର ରାମନାରାୟଣ ଦାସ ପଞ୍ଚାୟତରେ ୨୦୧୯ରୁ ୨୦୨୧ ଡିସେମ୍ବର ପର୍ଯ୍ୟନ୍ତ ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା, ହରିଶ୍ଚନ୍ଦ୍ର ଯୋଜନାରେ ୨୦୧୮ ରୁ ୨୦୨୨ ପର୍ଯ୍ୟନ୍ତ ଓ କୋଭିଡ୍ ସମୟରେ କରାଯାଇଥିବା ସେଣ୍ଟରରେ କେତେ ପ୍ରବାସୀ ରହିଥିଲେ ଓ ସେମାନଙ୍କୁ କେତେ ଟଙ୍କା ଦିଆଯାଇଛି ଏ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ପଞ୍ଚାୟତ କ୍ୟାସ ବୁକ୍‌ର ନକଲ ପ୍ରଦାନ ପାଇଁ ସୂଚନା ଅଧିକାର ଆଇନ ବଳରେ ଆବେଦନ କରିଥିଲେ। ମଗାଯାଇଥିବା ଏ ସମସ୍ତ ତଥ୍ୟ ନ ଦେବା ପର୍ଯ୍ୟନ୍ତ ତାଙ୍କ ଦରମା ବନ୍ଦ ରହିବ ବୋଲି ଉଲ୍ଲେଖ ଥିବା ଏକ ଚିଠି ( ନଂ ୨୬୧୧) ବନ୍ତ ବ୍ଲକ କାର୍ଯ୍ୟାଳୟରୁ ସୂଚନା ଅଧିକାର କର୍ମୀ ରାମନାରାୟଣଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

## ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ

ରୂପସା, ୨୬।୧୦(ଡି.ଏନ.ଏ.)

ବାଲେଶ୍ୱର ୬୦ନମ୍ବର ଜାତୀୟ ରାଜପଥର ସଦର ବ୍ଲକ ଅଧୀନ ହଳଦୀପଦା ବାଇପାସ୍ ନିକଟରେ ବୁଧବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ରାଜପଥ ଉପରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବସ୍ତା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମୃତକଙ୍କ ନିକଟରୁ ମିଳିଥିବା ଡ୍ରାଇଭିଂ ଲାଇସେନ୍ସରୁ ତାଙ୍କର ନାମ ବାଲକୃଷ୍ଣନ ଏବଂ ଘର ତାମିଲନାଡୁସ୍ଥିତ ନମକ୍କଲ ଜିଲା କଲଙ୍ଗାନି ଗ୍ରାମରେ ବୋଲି ଜଣା ପଡ଼ିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ କରୁଛି।

# ଦେଶୀ ବନ୍ଧୁକ ସହ ମାରଣାସ୍ତ୍ର ଜବତ, ୩ ଗିରଫ

ବଡ଼ବିଲ,୨୬।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ କାଶିଆ ଜଙ୍ଗଲରେ ଚଢ଼ାଉ କରି ଡକାୟତି ଯୋଜନା ପଣ୍ଡ କରିଛି। ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୨ ଅଭିଯୁକ୍ତ ଖସିଯିବାରେ ସକ୍ଷମ ହୋଇଛନ୍ତି। ଘଟଣା ସ୍ଥଳରୁ ଦେଶୀ ବନ୍ଧୁକ, ଗୁଳି ସହ ବହୁ ମାରଣାସ୍ତ୍ର ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଗୁଆ ଥାନା ଅଞ୍ଚଳର ବିକାଶ ସିଂହ, ଶ୍ୟାମସୁନ୍ଦର ଦାସ ଏବଂ ଅନ୍ୟ ଜଣେ ବଡ଼ବିଲ ଥାନା ଅନ୍ତର୍ଗତ ପକ୍କା ହଟିଂ ଅଞ୍ଚଳର ଏମ୍‌ଡି ମୁସ୍ତାକ୍ ବୋଲି ଜଣାପଡ଼ିଛି।

### ଡକାୟତି ଯୋଜନା ପଣ୍ଡ କଲା ପୋଲିସ

ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ବଡ଼ବିଲ ଥାନା କାଶିଆ ଅଞ୍ଚଳରେ କିଛି ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିଲେ। ପୋଲିସ ପାଟ୍ରୋଲିଂ ଟିମ୍ ସୂଚନା ପାଇ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ୨ ଦୁର୍ବୃତ୍ତ ଖସିଯିବାକୁ ସକ୍ଷମ ହୋଇଥିବା ବେଳେ ୩ ଜଣ ଜଣଙ୍କୁ ପୋଲିସ କାବୁ କରିଥିଲା। ଘଟଣାସ୍ଥଳରୁ ପୋଲିସ ଏକ ଦେଶୀ ବନ୍ଧୁକ, ଗୁଳି, ଭୁଜାଲି, ଏକ ବାଇକ୍ ସହ ମଦ ବୋତଲ ଓ ଲଙ୍କା ଗୁଣ୍ଡ ପ୍ୟାକେଟ୍ ଜବତ କରିଥିଲା। ଦୁର୍ବୃତ୍ତମାନେ ବଡ଼ବିଲ ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ଏ ନେଇ ବୁଧବାର ବଡ଼ବିଲ ପୋଲିସ କେଶ (ନଂ. ୨୬୮/୨୦୨୨)ରେ ଏକ ମାମଲା ରୁଜୁ କରି ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

# ଦୁର୍ଘଟଣାରେ ବାପ ମୃତ, ପୁଅ ଗୁରୁତର

ବାସୁଦେବପୁର,୨୬।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ରାଧାବଲ୍ଲଭପୁର ମଠ ଛକଠାରେ ବୁଧବାର ଏକ ବାଇକ୍ ଦୁର୍ଘଟଣାରେ ମାଛ ବ୍ୟବସାୟୀ ଜଗତ ମଲିକ(୬୦)ଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପୁଅ ପ୍ରଶାନ୍ତ କୁମାର ଗୁରୁତର ହୋଇଛନ୍ତି। ଆହତ ପ୍ରଶାନ୍ତଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ଘର ସିମୁଳିଆ ଥାନା କ୍ଷୀରକୋଣା ଗ୍ରାମରେ। ମାଛ କିଣିବା ପାଇଁ ବୁଧବାର ଭୋର ସମୟରେ ଏକ ବାଇକ୍ ଯୋଗେ ଜଗତ ଓ ତାଙ୍କ ପୁଅ ପ୍ରଶାନ୍ତ ବାସୁଦେବପୁର କଷିଆ ଜେଟିକୁ ଆସିଥିଲେ। ରାସ୍ତାର ମଠ ଛକଠାରେ ଏକ ବୁଲା ଷଣ୍ଢକୁ ଧକ୍କା ଦେଇ ରାସ୍ତାକଡ଼ରେ ଦୀର୍ଘଦିନ ଧରି ଛିଡ଼ା ହୋଇଥିବା ଏକ ରୋଲରରେ ପିଟି ହୋଇଯାଇଥିଲେ। ଫଳରେ ଜଗତଙ୍କ ମୃତ୍ୟୁ ହୋଇଥିଲା। ସହରର ମୁଖ୍ୟ ରାସ୍ତାରେ ବୁଲା ଷଣ୍ଢ ଓ ଗୋରୁ ଶୋଇ ରହୁଥିବାରୁ ଦୁର୍ଘଟଣା ବଢ଼ୁଛି। ସେହିପରି ଭାବେ ମାତାଜୀ ମଠ ଛକଠାରୁ ଚାଟେରୀ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଟ୍ରକ, ପିକଅପ୍, ଟେମ୍ପୋ ଆଦି ପାର୍କିଂ କରାଯାଉଥିବାରୁ ଏହା ଦୁର୍ଘଟଣାର ପ୍ରମୁଖ କାରଣ ହୋଇଛି। ଏଥିପ୍ରତି ପୋଲିସ, ପ୍ରଶାସନ, ପୌରପାଳିକା ଦୃଷ୍ଟି ଦେବାକୁ ଦାବି ହେଉଛି।

# ବ୍ଲକ କନିଷ୍ଠ ଶିକ୍ଷକ ସଂଘ କର୍ମକର୍ତ୍ତା ମନୋନୟନ

ଖଇରା, ୨୬।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ କନିଷ୍ଠ ଶିକ୍ଷକ ସଂଘର ଏକ ବୈଠକ ଶନିବାର ବ୍ଲକ ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସଭାପତି ରଞ୍ଜନ କୁମାର ମହଲା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଜିଲା ଓ ବ୍ଲକସ୍ତରୀୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ପୂର୍ବତନ ଜିଲା ସମ୍ପାଦକ ରବିନାରାୟଣ ଦାସ ମୁଖ୍ୟଅତିଥି, ନାରାୟଣ ମହାପାତ୍ର, ରବୀନ୍ଦ୍ର ଶିଅଳ, ଉଦୟ ନାରାୟଣ ପାତ୍ର, କୈଳାସ ଚନ୍ଦ୍ର ବେହେରା, ହଳଧର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ସନ୍ତୋଷ କୁମାର ବାରିକ ଓ ଉପସଭାପତି ଶଶିକାନ୍ତ ସାହୁଙ୍କ ପ୍ରସ୍ତାବକ୍ରମେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏହି ପ୍ରକ୍ରିୟାରେ ବିକ୍ରମ ବେହେରା ସଭାପତି, ରବିନାରାୟଣ ବେହେରା ସାଧାରଣ ସମ୍ପାଦକ, ଜ୍ୟୋତିର୍ମୟୀ ମହାନ୍ତି ଉପସଭାପତି, ସୁଶାନ୍ତ ଧର ସହ ସମ୍ପାଦକ, କିଶୋରୀ ଚରଣ ମହାନ୍ତି କୋଷାଧ୍ୟକ୍ଷ, ସିନ ସାଇମନ ସାମଲଙ୍କୁ ମିଡିଆ ସଂଯୋଜକ ଭାବେ ମନୋନୀତ କରାଯାଇଥିଲା। ରଞ୍ଜନ ମହଲା, ସନ୍ତୋଷ ବାରିକ ଓ ଶଶିକାନ୍ତ ସାହୁଙ୍କୁ ଉପଦେଷ୍ଟା ଦାୟିତ୍ୱ ଅର୍ପଣ କରାଯାଇଥିଲା। ପରେ ସଂଘ ତରଫରୁ ନୂତନ ଭାବେ ମନୋନୀତ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ମନୋନୀତ କର୍ମକର୍ତ୍ତାଙ୍କ ସହ ନିମନ୍ତ୍ରିତ ଅତିଥି।

# ଜଳସେଚନ, ମତ୍ସ୍ୟ ବିଭାଗର କାର୍ଯ୍ୟକୁ ନେଇ ଅସନ୍ତୋଷ

ବାଲେଶ୍ୱର ଅଫିସ,୨୬।୧୦

ବାଲେଶ୍ୱର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି (ଦିଶା)-୨୦୨୨ର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଉନ୍ନୟନମୂଳକ ୩୩ଟି ବିଭାଗ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ କେତୋଟି ମୁଖ୍ୟ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବାରୁ କମିଟି ଅଧ୍ୟକ୍ଷ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଦିଶା କମିଟି ଅଧ୍ୟକ୍ଷ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ କମିଟି ସମ୍ପାଦକ ତଥା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପ୍ରାରମ୍ଭିକ ସୂଚନା ରଖିଥିଲେ। ଜଳସେଚନ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ଜଳସେଚନ ବିଭାଗର ଜିଲାରେ ୧୮ଟି ପ୍ରକଳ୍ପର କାର୍ଯ୍ୟ ଜାରି ରହିଥିବା ବେଳେ ୫୬ଟି ପ୍ରକଳ୍ପ ଟିଏସି ଦ୍ୱାରା ଅନୁମୋଦିତ ହୋଇଛି। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ସୋନ, ଗଙ୍ଗାହାର, ଜଳକା ନଦୀରେ ମୁଖ୍ୟତଃ




ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅଧିକାରୀଗଣ।

ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଜଳକା, ସୋନ ଓ ଗଙ୍ଗାହାରରେ ନଦୀ ବନ୍ଧ ନ ଥିବାରୁ ବର୍ଷା ଓ ବନ୍ୟା ସମୟରେ ସ୍ଥାନୀୟ ଲୋକେ ଅଧିକ କ୍ଷତି ସହୁଛନ୍ତି। ବୁଢ଼ାବଳଙ୍ଗ ନଦୀ ଫୁଲାଡ଼ି ନିକଟସ୍ଥ ନଦୀବନ୍ଧ ନିମ୍ନମାନର ହୋଇଥିବାରୁ ବାରମ୍ବାର ଭୁଶୁଡୁଛି। ଛୋଟ ଛୋଟ ପଥରରେ ନଦୀବନ୍ଧ ନିର୍ମାଣ କରୁଛନ୍ତି ଠିକାଦାର। ଯନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କାର୍ଯ୍ୟକୁ ତଦାରଖ ନ କରି ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କ ଖର୍ଚ୍ଚ କରୁଛନ୍ତି। ପଥର ବଦଳରେ ମେଟାଲରେ ନଦୀବନ୍ଧ ନିର୍ମାଣ କରାଯାଉଥିବା ପ୍ରମାଣ ମିଳୁଛି। ଏଭଳି କାର୍ଯ୍ୟକୁ ବିଭାଗୀୟ ଅଧିକାରୀମାନେ ସୁଧାରିବାକୁ ପରାମର୍ଶ ଦେବା ସହ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ଜଳସମ୍ପଦ ବିଭାଗର ଜିଲା ନିର୍ବାହୀଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ କେବଳ କାଗଜପତ୍ରରେ ଲେଖାଥିବା ତଥ୍ୟକୁ ପ୍ରକାଶ କରୁଥିବା ବେଳେ ଘଟଣାସ୍ଥଳରେ ପ୍ରକୃତ ସ୍ଥିତି ଭିନ୍ନ ଥିବା ଏମ୍‌ପି ଷଡ଼ଙ୍ଗୀ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ବାଲେଶ୍ୱର ଜିଲାର ସମୁଦ୍ର ବେଳାଭୂମି ୮୦କି.ମି. ଥିବାବେଳେ ଗଭୀର ସମୁଦ୍ର ଶଯ୍ୟାରେ ୧୫ହଜାର ୩୮୦ ବର୍ଗ କି.ମି., ମଧୁରଜଳ, ପୋଖରୀ ଓ ଗଡ଼ିଆ ୯,୩୮୬.୫୦ ହେକ୍ଟର, ଖାରି ପାଣିରେ ଚିଙ୍ଗୁଡ଼ି ପୋଖରୀ ୪,୬୩୧ ହେକ୍ଟର ମାଛ ଚାଷ ପାଇଁ ଉଦ୍ଦିଷ୍ଟ ରହିଛି। ସୁନହଟସ୍ଥିତ ଦିଗିରଣିଆରେ ଏକ ସରକାରୀ ମତ୍ସ୍ୟ ଯାଆଁଳ କେନ୍ଦ୍ର ରହିଛି। ଜିଲାରେ ୭୪ହଜାରରୁ ଉର୍ଦ୍ଧ୍ୱ ମେରାଇନ୍ (ସାମୁଦ୍ରିକ) ମାଛ ଚାଷୀ ଥିବା ବେଳେ ମଧୁରଜଳ ମାଛ ଚାଷୀଙ୍କ ସଂଖ୍ୟା ୮୯ହଜାରରୁ ଉର୍ଦ୍ଧ୍ୱ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାଛ ଚାଷ ପାଇଁ ୫୦ରୁ ୬୦% ପର୍ଯ୍ୟନ୍ତ ସବ୍‌ସିଡ୍ ଉପଲବ୍ଧ ରହିଛି। ବିଭାଗୀୟ ଅଧିକାରୀଙ୍କ ଉଦାସୀନ ମନୋଭାବ ପାଇଁ ମାଛଚାଷୀମାନେ ବିଭିନ୍ନ ଯୋଜନାରୁ ଲାଭ ଉଠାଇ ପାରୁ ନ ଥିବା ବୈଠକରେ ଉଦ୍‌ବେଗ ପ୍ରକାଶ

### ଦିଶା ବୈଠକ
### ଅନୁପସ୍ଥିତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

ପାଇଥିଲା। ବିଭାଗୀୟ ଅଧିକାରୀଙ୍କ ପ୍ରଚାର ଓ ପ୍ରସାର ପାଇଁ କୁଣ୍ଠାବୋଧତା ଯୋଗୁ ବାୟୋଫ୍ଲୋକ୍ (କୁଣ୍ଡ ମାଛଚାଷ) ଭଳି ଲାଭଦାୟକ ଚାଷ ଉପରେ ଚାଷୀମାନଙ୍କ ଆଗ୍ରହ ନାହିଁ। ଜିଲାରେ ୩ଶହ ବାୟୋଫ୍ଲୋକ୍ ପାଇଁ ଲକ୍ଷ୍ୟ ନେଇଥିବା ବେଳେ ମାତ୍ର ୬୨ କୁଣ୍ଡରେ ଚାଷ କରାଯାଉଛି। ମାଛ ଚାଷ ବୃଦ୍ଧି ହେଲେ ଦେଶର ଖାଦ୍ୟ ଅଭାବ ପୂରଣ ହୋଇପାରିବ। ଏଥିପାଇଁ ପ୍ରଚାର ଓ ପ୍ରସାର ସହିତ ଉକ୍ତ ଚାଷ ଉପରେ ବାଲେଶ୍ୱର ବିଧାୟକ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଭୋଗରାଇ ବିଧାୟକ ତଥା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଅନନ୍ତ ଦାସ, ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ପ୍ରମୁଖ ଗୁରୁତ୍ୱ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

